ICDS

# ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ, ସେମିଳିଗୁଡ଼ା

## ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ (Online)

**Website: www.engagement-awc.odisha.gov.in**

ତାରିଖ. ୨୨ / ୦୫ / ୨୦୨୬

ବିଜ୍ଞାପନସଂଖ୍ୟା. ୬୨୮ / ୨୦୨୬

ଏତଦ୍ ଦ୍ୱାରା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,ସେମିଳିଗୁଡ଼ାଙ୍କ ଅଧିନସ୍ଥ ନିମ୍ନବର୍ଣ୍ଣିତ ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉକ୍ତ ଗ୍ରାମରେ ଖାଲିଥିବା ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ କର୍ମୀ ନିଯୁକ୍ତି ସକାଶେ ଇଚ୍ଛୁକ ପ୍ରାର୍ଥିନୀଙ୍କ ଠାରୁ online ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ପ୍ରାର୍ଥିନୀ ମାନେ ତା.୨୩.୦୬.୨୦୨୬ ରିଖ ଠାରୁ ତା.୦୭.୦୭.୨୦୨୬ ରିଖ ସୁଦ୍ଧା Online ମାଧ୍ୟମରେ ନିମ୍ନବର୍ଣ୍ଣିତ ଆବଶ୍ୟକୀୟ ପ୍ରମାଣପତ୍ର ଦାଖଲ (Upload) କରିବା ସହ ଅଙ୍ଗନୱାଡ଼ି କର୍ମୀ ପଦବୀ ନିମନ୍ତେ ଆବେଦନ କରିବେ । ଆବେଦନ ପତ୍ର ଗ୍ରହଣ କରିବାର ଶେଷ ତାରିଖ.୦୭.୦୭.୨୦୨୬ (ମଙ୍ଗଳବାର) ଅଟେ । ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ Online ମାଧ୍ୟମରେ ଦାଖଲ ହୋଇ ପାରିବନାହିଁ ।

**ଦରଖାସ୍ତ ଆହ୍ୱାନ କରାଯାଉଥିବା ଅଙ୍ଗନୱାଡ଼ି କେନ୍ଦ୍ରର ସମ୍ପୂର୍ଣ୍ଣ ବିବରଣୀ**

| କ୍ରମିକ ସଂଖ୍ୟା | ଅଙ୍ଗନୱାଡ଼ି କେନ୍ଦ୍ରରନାମ | ଗ୍ରାମ ପଞ୍ଚାୟତର ନାମ | ସଂଲଗ୍ନଅଞ୍ଚଳ / ସାହିରନାମ |
|---|---|---|---|
| ୧ | ବେହେରାଗୁଡା | ପାକଝୋଳା | |
| ୨ | ଛୈରବଗୁଡା | ପରଜାମୁଠାଇ | |

ସରକାରଙ୍କ ପରିବର୍ତ୍ତିତ ନିୟମାବଳୀକୁ ଭିତ୍ତିକରି ଏହି ଚୟନ ପ୍ରକ୍ରିୟା Online ମାଧ୍ୟମ ଦ୍ୱାରା କରାଯିବ। ଏହି ପଦବୀ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ । ଏହି ନିଯୁକ୍ତି ପରେ ପ୍ରାର୍ଥିନୀଙ୍କୁ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ କେନ୍ଦ୍ରରେ ଯୋଗଦାନ କରିବା ଦିନ ଠାରୁ ମାସିକ ମାନଦେୟ ଭତ୍ତା ପ୍ରଦାନ କରାଯିବ। ନିଯୁକ୍ତି ପ୍ରାପ୍ତ ପରେ ପ୍ରାର୍ଥିନୀ ସଂପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ପରିସର ମଧ୍ୟରେ ରହିବାକୁ ବାଧ୍ୟ ଅଟନ୍ତି । ମନୋନୀତ ହୋଇଥିବା ପ୍ରାର୍ଥିନୀ ଅଙ୍ଗନୱାଡ଼ି କାର୍ଯ୍ୟ ସମ୍ପର୍କିତ ତାଲିମ, ଯେ କୌଣସି ସମୟରେ ନେବା ବାଧ୍ୟତାମୂଳକ ଅଟେ।

(signature) ୨୨/୦୫/୨୬

ଶିଶୁ ବିକାଶ ଯୋଜନା ଅଧିକାରୀ
ଶିଶୁ ବିକାଶ ଯୋଜନା ଅଧିକାରୀ
ସେମିଳିଗୁଡ଼ା
ସେମିଳିଗୁଡ଼ା, କୋରାପୁଟ

## ଅଙ୍ଗନୱାଡି କର୍ମୀପଦବୀ ଆବେଦନ ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ:

ଆବେଦନକାରୀ ପ୍ରାର୍ଥିନୀ ମାନେ ଅଙ୍ଗନୱାଡି କର୍ମୀପଦବୀପାଇଁ ଆବେଦନ କରିବା ପୂର୍ବରୁ ନିମ୍ନଲିଖିତ ସର୍ତ୍ତାବଳୀ ଗୁଡିକୁ ଅନୁଧାନ କରିବେ।

୧. ଆବେଦନକାରୀ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ର ସେବା ପରିସରଭୁକ୍ତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବା ଦରକାର । ଯଦି ଅଙ୍ଗନୱାଡି କେନ୍ଦ୍ର ସେବା ପରିସର ଭୁକ୍ତ ଅଞ୍ଚଳର ପ୍ରାର୍ଥିନୀ ନ ମିଳନ୍ତି ସେହି କ୍ଷେତ୍ରରେ ସଂପୃକ୍ତ ଗ୍ରାମ ର ପ୍ରାର୍ଥିନୀଙ୍କ ନାମକୁ ବିଚାରକୁ ନିଆଯିବ। ଯଦି ସେହି ଗ୍ରାମର ପ୍ରାର୍ଥିନୀ ନ ମିଳନ୍ତି ସେହି କ୍ଷେତ୍ରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ର ପ୍ରାର୍ଥିନୀଙ୍କ ନାମକୁ ବିଚାରକୁ ନିଆଯିବ।

୨. ପ୍ରାର୍ଥିନୀଙ୍କ ସର୍ବନିମ୍ନ ବୟସ ତା.୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ଦରକାର ।

୩. ପ୍ରାର୍ଥିନୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା +୨ ପାସ ହୋଇଥିବା ଦରକାର। କେବଳ +୨ ଓ ତଦୁର୍ଦ୍ଧ ପାସ କରିଥିବା ପ୍ରାର୍ଥିନୀମାନେ ହିଁ Online ମାଧ୍ୟମରେ ଦରଖାସ୍ତ ଆବେଦନ କରିପାରିବେ।

୪. ଏହି ଅଙ୍ଗନୱାଡି କର୍ମୀପଦବୀପାଇଁ କେବଳ ମହିଳା ପ୍ରାର୍ଥିନୀମାନେ ହିଁ ଆବେଦନ କରିପାରିବେ।

୫. ଏହି ଅଙ୍ଗନୱାଡି କର୍ମୀପଦବୀପାଇଁ ଉଭୟ ବିବାହିତ ଓ ଅବିବାହିତ ମହିଳା ପ୍ରାର୍ଥିନୀମାନେ ଆବେଦନ କରିପାରିବେ।

୬. କେବଳ ଅନୁସୂଚିତ ଜନଜାତି(ଆଦିବାସୀ) ଓ ଅନୁସୂଚିତ ଜାତି (ହରିଜନ) ସମ୍ପ୍ରଦାୟର ପ୍ରାର୍ଥିନୀ ମାନେ ଦରଖାସ୍ତ ଆବେଦନ କରିପାରିବେ। ଏହି ପଦବୀ ନିମନ୍ତେ ପ୍ରଥମତଃ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ର ସେବା ପରିସରଭୁକ୍ତ କିମ୍ବା ଗ୍ରାମ କିମ୍ବା ଗ୍ରାମ ପଞ୍ଚାୟତ ର ଅନୁସୂଚିତ ଜନଜାତି (ଆଦିବାସୀ) ସମ୍ପ୍ରଦାୟର ପ୍ରାର୍ଥିନୀ ମାନଙ୍କୁ ଅଗ୍ରାଧିକାର ଦିଆଯିବ। ଯଦି କୌଣସି ଅନୁସୂଚିତ ଜନଜାତି (ଆଦିବାସୀ) ସମ୍ପ୍ରଦାୟର ପ୍ରାର୍ଥିନୀ ନ ମିଳନ୍ତି ତାହା ହେଲେ ସେହି କ୍ଷେତ୍ରରେ ସଂପୃକ୍ତ ପରିସରଭୁକ୍ତ କିମ୍ବା ଗ୍ରାମ କିମ୍ବା ଗ୍ରାମ ପଞ୍ଚାୟତର ଅନୁସୂଚିତ ଜାତି ପ୍ରାର୍ଥିନୀଙ୍କ ଦରଖାସ୍ତ ବିଚାର କୁ ନିଆଯିବ।

୭. ପ୍ରାର୍ଥିନୀ ସଂପୂର୍ଣ୍ଣ ଭାବେ ଓଡିଆ ଓ ଇଂରାଜୀ ଭାଷାରେ ଲେଖି ଓ ପଢି କରିପାରୁ ଥିବା ଆବଶ୍ୟକ।

୮. ବିଧବା, ସ୍ୱାମୀ ପରିତ୍ୟକ୍ତା, ବିକଳାଙ୍ଗ ମହିଳାମାନଙ୍କୁ ଚୟନ ସମୟରେ ସରକାର ଙ୍କ ନିୟମା ବଳୀ ଅନୁସାରେ ଅତିରିକ୍ତ ମାର୍କ ଦିଆଯିବ।

## Online ଦରଖାସ୍ତ ଆବେଦନ କରୁଥିବା ସମୟରେ ଆବଶ୍ୟକ ପଡୁଥିବା ପ୍ରମାଣ ପତ୍ର :-

ଆବେଦନକାରୀ ମାନେ ଅଙ୍ଗନୱାଡି କର୍ମୀପଦବୀ ପାଇଁ ନିର୍ଦ୍ଧାରିତ Online Web Portal (www.engagement-awc.odisha.gov.in) କୁଯାଇପ୍ରଥମେ Public Signup କୁ Click କରି ନିଜର ନାମକୁ ପଞ୍ଜୀକରଣ (Registration) କରିବେ, ଏହାପରେ Public Login କୁ Click କରି View Engagement Ads କୁ Click କରି ଆପଣଙ୍କଗ୍ରାମ / ଅଞ୍ଚଳ ଅନୁଯାଇ ବାହାରି ଥିବା ଅଙ୍ଗନୱାଡି କର୍ମୀ ପଦବୀ ପାଇଁ Apply Button କୁ Click କରିନିଜସ୍ୱ (Username &Password) ବ୍ୟବହାର କରି ଦରଖାସ୍ତ ଦାଖଲ କରିପାରିବେ। Online Apply କଲା ସମୟରେ ନିମ୍ନଲିଖିତ ପ୍ରମାଣପତ୍ର ଦାଖଲ (Upload) କରିବେ।

୧. ଦରଖାସ୍ତ ଆବେଦନକାରୀଙ୍କ ନିଜର ଦସ୍ତଖତଦାଖଲ (Signature Upload) ହୋଇଥିବା ଦରକାର।

୨. ନିଜର ୧ ଗୋଟି ରଙ୍ଗୀନ ପାସପୋର୍ଟ ସାଇଜ ଫୋଟୋଗ୍ରାଫ ଦାଖଲ (Recent Pass Photo upload) ହୋଇ ଥିବା ଦରକାର।

୩. ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଯଥା: +୨ ପାସ୍ କିମ୍ବା ତଦୁର୍ଦ୍ଧ ପାସ୍ କରିଥିବା ମାର୍କ ସିଟର ଏକ ନକଲ ଦାଖଲ(Upload) ହୋଇଥିବା ଦରକାର।

୪. ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇ ଥିବା ସାମ୍ପ୍ରତିକ ଜାତିଗତ ଓ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଓ ସ୍ଥାୟୀବାସିନ୍ଦା ପ୍ରମାଣପତ୍ର ଦାଖଲ(Upload) ହୋଇଥିବା ଦରକାର।

୫. ନିଜର ଭୋଟର ପରିଚୟ ପତ୍ର କିମ୍ବା ଆଧାରକାର୍ଡ ଦାଖଲ(Upload) ହୋଇଥିବା ଦରକାର।

୬. ଆବେଦନକାରୀ ଯଦି ବିଧବା, ସ୍ୱାମୀପରିତ୍ୟକ୍ତା, ବିକଳାଙ୍ଗ, ଅସହାୟ କିମ୍ବା ଅନାଥ ହୋଇ ଥିଲେ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରାପ୍ତ ପ୍ରମାଣପତ୍ର ର ଏକ ନକଲ ଦାଖଲ(Upload)ହୋଇଥିବା ଦରକାର।

ପ୍ରାପ୍ତ ହୋଇଥିବା ସମସ୍ତ Online ଦରଖାସ୍ତ ଏବଂ ସମସ୍ତ ମୂଳପ୍ରମାଣପତ୍ର ଗୁଡିକ (Original Certificates) ଆବେଦନକାରୀଙ୍କ ଉପସ୍ଥିତି ରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିବାର ଶେଷତାରିଖ ପରେ ତା.୦୮,୦୭ ,୨୦୨୬ ରିଖ (ବୁଧବାର) ଦିନ ୧୦.୩୦ ଘଣ୍ଟିକା ସମୟରେ ଯାଞ୍ଚ କରାଯିବା ନିମନ୍ତେ ଧାର୍ଯ୍ୟ କରା ଯାଇଅଛି। ଯେଉଁ ଆବେଦନ କାରୀ ମାନେ ଯାଞ୍ଚ ପ୍ରକ୍ରିୟା ଦିନ ଅନୁପସ୍ଥିତ ରୁହନ୍ତି ସେମାନଙ୍କର ଦରଖାସ୍ତ ବିଚାରକୁ ନିଆ ଯିବ ନାହିଁ । ଯାଞ୍ଚ ପ୍ରକ୍ରିୟା କୁ ଆସିବା ନିମନ୍ତେ ପ୍ରାର୍ଥିନୀ ମାନଙ୍କୁ କୌଣସି ଗ୍ରସ୍ତ ଖର୍ଚ୍ଚ ଦିଆ ଯିବନାହିଁ । ଖାରଜ ହୋଇଥିବା କିମ୍ବା କାୟମ ଥିବା ଆବେଦନକାରୀଙ୍କ ତାଲିକା Online Web Portal (www.engagement-awc.odisha.gov.in) ମାଧ୍ୟମରେ ପ୍ରକାଶ କରାଯିବ। ଯଦି କୌଣସି ଆବେଦନକାରୀଙ୍କ କିଛି ଅଭିଯୋଗ ଥାଏ, ସେମାନେ ନିଜ Public Login କୁ ଯାଇ ନିଜସ୍ୱ Username & Password କୁ ବ୍ୟବହାର କରି Online ମାଧ୍ୟମରେ ନିଜର ଅଭିଯୋଗ ଦାଖଲ କରିପାରିବେ।

ବିଶେଷ ଦ୍ରଷ୍ଟବ୍ୟ: - ମହିଳା ଓ ଶିଶୁ ବିକାଶ ବିଭାଗ,ଓଡିଶା ସରକାରଙ୍କ ଚିଠି ନଂ. ୧୪୫,ତା. ୦୨.୦୫.୨୦୦୭ ଓ ପରିବର୍ତ୍ତି ସଂଶୋଧନ ନିୟମାବଳୀକୁ (ପରିପତ୍ର ନଂ.୪୯୭୨, ତା.୧୫.୦୩.୨୦୨୩) ଦେଖନ୍ତୁ। ଏହା ସମନ୍ବିତ ଶିଶୁ ବିକାଶ ପ୍ରକଳ୍ପ, ସେମିଳିଗୁଡ଼ାଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ।

ଶିଶୁ ବିକାଶ ଯୋଜନା ଅଧିକାରୀ
ସେମିଳିଗୁଡ଼ା

ପରିପତ୍ର ସଂଖ୍ୟା. 580 /୨୦୨୬ ତାରିଖ. 22/05/ /୨୦୨୬

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସେମିଳିଗୁଡ଼ା /ଉକ୍ତ କାର୍ଯ୍ୟାଳୟର ସୂଚନା ଫଳକ/ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏହାକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ରେ ପ୍ରକାଶ କରିବା ପାଇଁ ଅନୁରୋଧ କରାଗଲା।

ଶିଶୁ ବିକାଶ ଯୋଜନା ଅଧିକାରୀ
ସେମିଳିଗୁଡ଼ା

ପରିପତ୍ର ସଂଖ୍ୟା. 58C /୨୦୨୬ ତାରିଖ. 22/05/ /୨୦୨୬

ଏହାର ଏକକିତା ନକଲ ସଂପୃକ୍ତ ସେକ୍ଟର ସୁପରଭାଇଜରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ନିଜ ଉପସ୍ଥିତିରେ ତାଲିକା ଭୁକ୍ତ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳରେ Online ବିଜ୍ଞାପନ ବିଷୟରେ ଅବଗତିକରି / ପ୍ରକାଶ କରି ସଂପୃକ୍ତ ଗ୍ରାମବାସୀଙ୍କ ସ୍ୱାକ୍ଷରିତ ବିବରଣୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ୩ଦିନ ମଧ୍ୟରେ ଦାଖଲ କରିବେ ଏବଂ ତତ୍ ସହିତ କେନ୍ଦ୍ର ପରିସର ଦାଇତ୍ୱରେ ଥିବା ଭାରପ୍ରାପ୍ତ ଅଙ୍ଗନୱାଡି କର୍ମୀ ମାନଙ୍କ ଦ୍ୱାରା ଏହି Online ବିଜ୍ଞାପନ ବିଷୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବହୁଳ ପ୍ରସାରିତକରିବା ପାଇଁ ଆଦେଶ ଦିଆଗଲା।

ଶିଶୁ ବିକାଶ ଯୋଜନା ଅଧିକାରୀ
ସେମିଳିଗୁଡ଼ା

ପରିପତ୍ର ସଂଖ୍ୟା. 682 /୨୦୨୬ ତାରିଖ. 22/05/ /୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,କୋରାପୁଟ/ଜିଲ୍ଲା ସମାଜମଙ୍ଗଳ ଅଧିକାରୀ,କୋରାପୁଟ ଙ୍କ ଅବଗତି ନିମନ୍ତେ ପ୍ରେରଣକରାଗଲା।

ଶିଶୁ ବିକାଶ ଯୋଜନା ଅଧିକାରୀ
ସେମିଳିଗୁଡ଼ା, କୋରାପୁଟ